# ତହସିଲ କାର୍ଯ୍ୟାଳୟ ନରସିଂହପୁର

## ଲଘୁଖଣିଜ ଉତ୍ସ୍ର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ

ସଂଖ୍ୟା . ୨୧୩୨..........ତା. ୦୩.୦୩.୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ. ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ନରସିଂହପୁର ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ସୈରାତ ଉତ୍ସ୍(ଲଘୁ ଖଣୀଜ ଦ୍ରବ୍ୟ) ଗୁଡିକ ଆସନ୍ତା ୫ (ପାଂଚ) ବର୍ଷ ଅର୍ଥାତ ୨୦୨୦-୨୧ ରୁ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ଲିଜ୍ ଆକାରରେ ତହସିଲଦାରଙ୍କ ଦ୍ୱାରା ବନ୍ଦୋବସ୍ତ କରିବାପାଇଁ ସ୍ଥିର କରାଯାଇଛି। ଇଛୁକ ବ୍ୟକ୍ତି ବଶେଷ **OMMC Rules-2016** ରେ ପ୍ରଦତ **Form-M** ପୁରଣ କରି ତିନି କିତା ନକଲ ସହ ନିମ୍ନ ଲିଖିତ ଦସ୍ତାବିଜ ଦଲିଲ କାଗଜାତ ସଂଲଗ୍ନ କରି ଜଉମୁଦ ଲଫାପରେ ତହସିଲ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ **Tender Drop Box** ରେ ଆସନ୍ତା ୨୦.୦୭.୨୦୨୦ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସୁଦ୍ଧା ପକାଇପାରିବେ । (ଛୁଟିଦିନ ବ୍ୟତିତ) ଲଫାପା ଉପରେ ସୈରାତ ଉତ୍ସ୍ର ନାମ ଲେଖାରହିବା ଆବଶ୍ୟକ ଉକ୍ତ ଦରଖାସ୍ତ ଗୁଡିକୁ ତା୨୧.୦୭.୨୦୨୦ ରିଖ ପୂର୍ବାହ୍ନ ୧୧.୦୦ଘଟିକା ପରେ ଲିଜ୍ ଦରଖାସ୍ତ କାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତରେ ତନଖି କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣିୟ ହେବନାହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ କରିଦିଆଯିବ । ପୂର୍ବ ନିଲାମ ମାନଙ୍କରେ ସରକରୀ ପାଉଣା ବକେୟା ରଖିଥବା ବ୍ୟକ୍ତି ନିଲାମରେ ଅଂଶ ଗ୍ରହଣ କରିପାରିବେ ନାହିଁ । ଉପରୋକ୍ତ ଦିନ ବୈଧ ଦରଖାସ୍ତ ଅଭାବରୁ ଯୋଗ୍ୟ ଲିଜ୍ ଧାରି ଚୟନ ହୋଇ ନପାରିଲେ ପନଃ ନିଲାମ ଯଥଅକ୍ରମେ ତା. ୩୦.୦୭.୨୦୨୦ ରିଖ ଦିବା ୧୧.୦୦ ଘଟିକା ଓ ତା. ୦୬.୦୮୨୦୨୦ ରିଖ ଦିବା ୧୧.୦୦ ଘଟିକାରେ ଅନୁଷ୍ଠିତ ହେବ । ପ୍ରତି ନିଲାମ ତାରିଖର ପୂର୍ବ କାର୍ଯ୍ୟ ଦିବସ ଅପରାହ୍ନ ୪.୦୦ ଘଟିକା ପର୍ଯନ୍ତ ପୁନଃ ଦରଖାସ୍ତ ଗ୍ରହଣୀୟ ।

<u>ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ ;-</u>

୧. ଦରଖାସ୍ତ ପାଉଣା ବାବଦ ଟ.୧୦୦୦.୦୦ଙ୍କା(ଏକହଜାର ଟଙ୍କା) ଅଣଫେରସ୍ତ ଟେଜେରୀ ଚାଲଣ(**Head of Account-0853-non-ferrous and metallurgical Insustries-102-Mineral concession fees, Rents and Royalties**).

୨. କୌଣସି ମାଇନିଂ ତଥା ରାଜସ୍ୱ ପାଉଅଣା ବାକି ନଥିବା ନେଇ ଏକ ସତ୍ୟପାଠ

୩. ଆବେଦନ କରୀ ଅମାନନ୍ତ ଟଙ୍କା (**EMD**) ଦାଖଲ ର ପ୍ରମାଣ (**Demand Draft in favour of the Tahasildar Narasinghpur**).

୪. ରାଜସ୍ୱ ଅଧିକାରୀଙ୍କଠାରୁ ପ୍ରାପ୍ତ **Solvency** ସହ ସ୍ଥାବର ସମ୍ପତି ପ୍ରମାଣ ପତ୍ର

୫. ପ୍ରସ୍ତାବିତ ସୈରାତ ଉତ୍ସ୍ର ତଫସିଲ ସହ ଚୈହଦିର ସଂପୂର୍ଣ୍ଣ ବିବରଣୀ ଓ ନକ୍ସା

୬. ଅନ୍ୟ ବିବରଣି ଯଥା- ବୈଷୟିକ ଜ୍ଞାନ , ଦକ୍ଷତା, ଯନ୍ତ୍ରପାତି, ଆର୍ଥିକ ସ୍ଥିତି ଇତ୍ୟାଦି

୭. ପ୍ୟାନ କାର୍ଡ/ ପରିଚୟ ପତ୍ର

୮. ଆବେଦନ କରୀ ଯେଉଁ ସୈରାତ ଉତ୍ସ୍ପାଇଁ ଆବେଦନ କରୁଛନ୍ତି , ତହା ପାଇଁ ଧାର୍ଯ୍ୟ ରୟାଲିଟ୍ ରେଟ୍ ତୁଳନାରେ କେତେ ସର୍ବୋଚ ରେଟ୍ ରେ ନେବାକୁ ଚାହୁଛନ୍ତି ତାହ ଉଲ୍ଲେଖ କରିବେ ।

<u>ସର୍ତାବଳୀ</u>

୧. ଅବେଦନ କାରୀ / ଲିଜ୍ ଧାରୀ ଓଡିଶା ଲଘୁ ଖଣୀଜ ଦ୍ରବ୍ୟ ରିହାତି ଆଇନ ୨୦୧୬ର ପରିସର ଭୁକ୍ତ ହେବେ ।

୨. ଲିଜ୍ ଧାରୀ **Mining Act. 1952** ଓ **Explosive Act. 1984** ର ସମସ୍ତ ନିୟମା ବଳୀ ଅର୍ନ୍ତଭୁକ୍ତ ହେବେ।

୩. ଲିଜର ସମସ୍ତ ସର୍ତାବଳୀ ପାଳନ କରୁଥିବା ଓ ସର୍ବାଧିକ ରୟାଲିଟ ଦାଖଲପାଇଁ ଆବେଦନ କରିଥିବା ଆବେଦନ କାରୀଙ୍କୁ ଲିଜଦିଆଯିବ ।

୪. ଯଦି କୌଣସି ଆବେଦନ କାରୀ ଆବଶ୍ୟକ କାଗଜାତ ନଦେଇ କିମ୍ବା ପ୍ରଚଳିତ ରୟାଲିଟ ଧାର୍ଯ୍ୟ ଦରଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତ କାରୀଙ୍କ **M – Form** ଖାରଜ କରିଦିଆଯିବ । ତଥା ଅଶଂପୂର୍ଣ୍ଣ ଦରଖାସ୍ତ ଗ୍ରରହଣ ହେବନାହିଁ ।

୫. ପ୍ରଚଳିତ ନିୟମ ଅନୁଯାଇ ଲିଜଧାରୀ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟ ପୈଠ କରିବାପାଇଁ ବାଧ୍ୟ ହେବେ ।

୬ . ସର୍ବୋଚ ରୟାଲିଟ ଦାଖଲପାଇଁ ଆବେଦନ କରିଥରବା ବ୍ୟକ୍ତି ଲିଜ ଗ୍ରହଣ ନକଲେ , ତାଙ୍କର ଜମାରାଶି ବ୍ୟାଜାପ୍ତି କରାଯିବ ଓ ୨ୟ ସର୍ବୋଚ ରୟାଲିଟ ଉଲ୍ଲେଖ କରିଥବା ଆବେଦନ କାରୀଙ୍କୁ ଲିଜ ଗ୍ରହଣ କରିବାପାଇଁ ସୁଯୋଗ ଦିଆଯିବ . ଯଦି ଦୁଇ କିମ୍ବା ଅଧିକ ଆବେଦନ କରୀଙ୍କ ଦର୍ଶାଇଥିବା ରୟାଲଟିର ମୂଲ୍ୟ ସମାନ ପରିଲକ୍ଷିତ ହୁଏ , ତେବେ ତାହା ଗୋଳା (**By draw of losts**) ମାଧ୍ୟମରେ ନିଲାମ ଧାରୀ ଚୟନ କରାଯିବ ।

୭ . ଲିଜ ଅବଧି ମଧ୍ୟରେ ଲିଜ ଧାରୀ ଲିଜ ସଂପର୍କିୟ ସର୍ତାବଳୀର ଉଲ୍ଲଘନ କଲେ, ଲିଜ ରାଶି ରଦ କରାଯିବା ସଂଗେ ସଂଗେ ଜମା ରାଶି ବ୍ୟାଜାପ୍ତି ହେବ ।

୮ .ତହସିଲ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ଦିବସରେ ଇଛୁକ ପ୍ରାର୍ଥୀ ,**M Form,** ଲିଜ ସର୍ତାବଳୀ ତଥା ସୌରାତ ର ସମସ୍ତ ବିବରଣୀ ଅବଗତ ହୋଇପାରିବେ ।

୯.ଲିଜ ଧାରୀ ଲିଜ ପାଉଥିବା ସୌରାତ ପାଇଁ ନିଜ ଖର୍ଚ୍ଚରେ ମାଇନଂ ପ୍ଲାନ ତିଆରି ଓ ଅନୁମୋଦନ କରାଇ ପରିବେଷ ସ୍ୱଛତା ପ୍ରମାଣ ପତ୍ର ନିମନ୍ତେ ଦରଖାସ୍ତ କରାଇବା ସହିତ **Concent to operate Order** ଆଣିବା ଆବଶ୍ୟକ ।

୧୦. ମାଇନଂ ପ୍ଲାନରେ ଦର୍ଶାଯାଇଥିବା ଗଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ ଧାରୀଙ୍କଦ୍ୱାରା ଦର୍ଶାଯାଇଥିବା ରୟାଲିଟର ଦରକୁ ଗୁଣନକଲେ ଯେଉଁ ପରିମାଣ ଅର୍ଥ ହେବ, ସେ ରାଶି ଅନୁଯାଇ ଅନ୍ୟାନ୍ୟ ସରକାରୀ ଦେୟ . ଯଥା- **Royality , Sureface Rent, Dead Rent, DMF, EMF, etc.** ପରିବେଷ ସ୍ୱଛତା ପ୍ରମାଣ ପତ୍ର ଆଣିସାରିବା ପରେ ପୈଠ କରିବେ । ସଂପୂର୍ଣ ରାଶି ପୈଠ ହେଲାପରେ ଲିଜଧାରୀ ରେଜେଷ୍ଟ୍ରସନ ଆଇନ ୧୯୦୮ ଓ ଷ୍ଟାମ୍ପ ଆଇନ ୧୮୯୯ ଅନୁଯାଇ ଚୁକ୍ତି ପତ୍ର (**Execution of lease deed** )ସଂପାଦନ କରିବେ । ଓ ସୌରାତ ପରିଚାଳନା ପାଇଁ **Resonal Officer State pollution Control Board,** ଙ୍କ ନିକଟରୁ **CONCENT TO OPERATE ORDER,'** ଆଣିବାପାଇଁ ବାଧ୍ୟ ହେବେ ।

୧୧. ଲିଜଧାରୀ ଜମାରୟାଲିଟ ରାଶିର ଶତକଡା୨ **INCOME TAX,10% DMF AND 5% EMF** ବାବଦକୁ ନଗଦ ଆକାରରେ ଦାଖଲ କରିବେ ।

୧୨. ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ୟରେ ମାଇନଂ ପ୍ଲାନ ଓ ପରିବେଷ ମଞ୍ଜୁରୀ ଦାଖଲ ନକଲେ ଅମାନତ ରାଶି ବ୍ୟାଜାପ୍ତି ହେବ ।

୧୩. **MINIGN PLAN , ENVIRONMENT CLEARANCE AND CONCENT TO OPERATE ORDER** ଇତ୍ୟାଦି ଲିଜ ଧାରୀ ନିଜ ଖର୍ଚ୍ଚରେ ହାସଲ କରିବେ ।

୧୪. ଲିଜପାଇଁ ଆବେଦନ କରିବାପୂର୍ବରୁ ଇସ୍ତାହାରରେ ଦର୍ଶିତ ଲଘୁଖଣିଜ ଖାଦାନଗୁଡିକ ପରିଦର୍ଶନ କରି ସୌରାତ ପରିଚାଳନାପାଇଁ ଗମନାଗମନ ସୁବିଧା ଗଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି . ଲିଜରେ ଅଂଶ ଗ୍ରହଣ କରିପାରିବେ । ଲିଜ ଗ୍ରହଣ କରିସାରିବାପରେ ସୌରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହନ ହେବନାହିଁ କିମ୍ବା କର୍ତୃପକ୍ଷ ଦାୟିରହିବେନାହିଁ ।

୧୫. ଲିଜ ଦିଆଯାଇଥିବା ଧାର୍ଯ୍ୟସମୟ ଭିତରେ କର୍ତୃପକ୍ଷ କୌଣସି ପ୍ରକୃତିକ ବିପର୍ଯ୍ୟୟପାଇଁ ଦାୟୀ ରହିବେ ନାହିଁ ।

୧୬. ଲିଜ ଧାରୀ ସୌରାତ ଉତ୍ସର ନକ୍ସା ଅନୁଯାଇ ଚିହ୍ନଟକରିବେ ଓ ସମ୍ମୁଖ ଭାଗରେ ଏକ **Display Board** ତିଆରି କରି ସେଥିରେ ସୌରାତଉତ୍ସର ନକ୍ସା,ନାମ ତଥା ନମ୍ବର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ

୧୭. ଲିଜଧାରୀ ନିଜଖର୍ଚ୍ଚରେ ଆଂଚଳିକ ଅଧିକାରୀ ପ୍ରଦ୍ୟୁଷଣ ବୋର୍ଡ, କଟକଙ୍କଠାରୁ **" Cocent to operate order"** ପ୍ରାପ୍ତପରେ ଖଣିପରିଚାଳନାପାଇଁ ଯୋଗ୍ୟ ହେବେ ।

୧୮. ଉପରୋକ୍ତ ସମସ୍ତ ସର୍ତାବଳୀ ପୁରଣ ହେଲାପରେ ଲିଜଧାରୀଙ୍କୁ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତଙ୍କ ଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୌରାତ ଉତ୍ସରୁ ଖଣୀଜ ପଦାର୍ଥ ଉଠାଇପାରିବେ ନାହିଁ ।

୧୯. ଲିଜ ସମ୍ବନ୍ଧୀୟ ସର୍ତାବଳି ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତିତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ । ଓ ଏହି ସମ୍ବନ୍ଧୀୟ ସଂମ୍ପୂର୍ଣ୍ଣ ସର୍ତାବଳୀ " **<u>www.cuttack.nic</u>"** ର **Tender link** ରେ ଉପଲବ୍ଧ ହେବ ।

୨୦. କୌଣସି କାରଣ ନଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷ ତଥା ଜିଲ୍ଲାପାଳ, କଟକଙ୍କ ପାଖରେ ରହିଛି ।

୨୧. ଲିଜଧାରୀ **OMMC RULES-2016** ରେ ଥିବା ସମସ୍ତ ସର୍ତାବଳୀକୁ ପାଳନ କରିବାପାଇଁ ବାଧ୍ୟ ହେବେ ।

୨୨. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

ତହସିଲଦାର, ନରସିଂହପୁର

ସ୍ମାରକ ସଂଖ୍ୟା. ୨୯୩୩(୨)/ ତା. ୦୩.୦୩.୨୦୨୦

ଏହାର ଏକକିତା ନକଲ ଜିଲ୍ଲାପାଳ,କଟକ / ଉପ-ଜିଲ୍ଲାପାଳ, ଆଠଗଡଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ନରସିଂହପୁର

ସ୍ମାରକ ସଂଖ୍ୟା. ୨୯୩୪ (୩)/ ତା. ୦୩.୦୩.୨୦୨୦

ଏହାର ଏକକିତା ନକଲ ଗୋଷ୍ଠୀଉନ୍ନୟନ ଅଧିକାରୀ, ନରସିଂହପୁର / ସମସ୍ତ ରାଜସ୍ୱ ନିରୀକ୍ଷକ, ନରସିଂହପୁର / ସଂପୃକ୍ତ ଗ୍ରାମପଂଚାୟତ / ସଂପୃକ୍ତ ଗ୍ରାମର ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାରନିମନ୍ତେ ପ୍ରେରଣ କରାଗଲା

ତହସିଲଦାର, ନରସିଂହପୁର

**Annexure - A**

# ସୌରାତ ଉତ୍ସର ବିବରଣୀ- ନରସିଂହପୁର

| କ୍ରମିକ ନମ୍ବର | ଉତ୍ସର ନାମ ଓ କେଶ ନମ୍ବର | ମୌଜାର ନାମ | ଖାତା ନମ୍ବର | ପ୍ଲଟ ନମ୍ବର | ରକବା (ଏକରରେ) | ସର୍ବନିମ୍ନ ବାର୍ଷିକ ଉତୋଳନ ପାଇଁ ଧାର୍ଯ୍ୟ ଖଣିଜ ପଦାର୍ଥର ପରିମାଣ(ଘନ ମିଟରରେ) | ଲଘୁ ଖଣିଜ ପଦାର୍ଥର ଧାର୍ଯ୍ୟ ରୟାଲିଟ ପ୍ରତି ଘ.ମି | ଧାର୍ଯ୍ୟ ଅତିରିକ୍ତ ଦେୟ ପ୍ରତି ଘ.ମି |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | ଟାମରା ମହାନଦୀ ବାଲିଘାଟ ସୈ.ମି.କେଶନଂ. ୧/୨୦୨୦-୨୧ | ଟାମରା | ୪୧୪ ରକ୍ଷିତ | ୧୭୫୦ | ୪୧୨.୨୦ | ୯୩୫୦ ଘ.ମି | ଟ.୩୫.୦୦ | ଟ. ୨.୦୦ |
| ୨ | ଭାନପୁର ମହାନଦୀ ବାଲିଘାଟ ସୈ.ମି.କେଶ ନଂ. ୨/୨୦୨୦-୨୧ | ମାନପୁର | ୨୮୦ ରକ୍ଷିତ | ୨୨୫୧ ୨୨୫୨ | ୪୧୨.୨୦ | ୩୨୦୦ ଘ.ମି | ଟ. ୩୫.୦୦ | ଟ. ୨.୦୦ |

ତହସିଲଦାର, ନରସିଂହପୁର

ପରିପତ୍ର ସଂଖ୍ୟା. ...୨୧୩୫.../ ତା. ...03.03.20...

ଏକକିତା ନକଲ ଜିଲ୍ଲାପାଳ,କଟକ / ଉପ-ଜିଲ୍ଲାପାଳ, ଆଠଗଡଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ନରସିଂହପୁର